ଡିବିଓଡି.ନଂ. ବିଏଲ.ବିସି./୫/୨୨.୦୧.୦୦୧/୨୦୦୩

୨୩ ଜୁଲାଇ, ୨୦୦୩
ଶ୍ରାବଣ ୦୧, ୧୯୨୫ ସାଲ

**ସମସ୍ତ ଅନୁସୂଚୀତ ବାଣିଜ୍ୟିକ ବ୍ୟାଙ୍କ**
( ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କ ଓ ସ୍ଥାନୀୟ କ୍ଷେତ୍ର ବ୍ୟାଙ୍କ ବ୍ୟତୀତ)
ମହାଶୟ,

**ବ୍ୟାଙ୍କିଂ ନିୟନ୍ତ୍ରଣ ଅଧିନିୟମ, ୧୯୪୯ର ଧାରା ୨୩- ଏଟିଏମ୍ ଜରିଆରେ ଅର୍ଥର ତୃତୀୟ ପକ୍ଷ ଅନ୍ତରଣ**

ଦୟାକରି ସ୍ୱୟଂଚାଳିତ ଟେଲର ମେସିନ (ଏଟିଏମ୍)ରେ ହୋଇ ପାରିବା କାର୍ଯ୍ୟ ସଂପର୍କରେ ଆମର ପ୍ରସାରିତ ମୁଖ୍ୟ ପରିପତ୍ର ସଂ .ଡ଼ିବିଓଡ଼ି. ବିଏଲ.ବିସି. ୫/୨୨.୦୧/୦୦୧/୨୦୦୨, ମେ ୧୮, ଜୁଲାଇ ୨୦୦୨ ର ଅନୁଚ୍ଛେଦ ୧୨.୩ ଦେଖନ୍ତୁ। (ଏଟିଏମ୍) ଦ୍ୱାରା ଉପଲବ୍ଧ ହୋଇପାରେ ସେଥିରେ ନିର୍ଦ୍ଧିଷ୍ଟ ଭାବେ ସୂଚୀତ କରାଯାଇଛି ଯେ ଖାତା ମଧ୍ୟରେ ଅର୍ଥ ହସ୍ତାନ୍ତର ସେହି କେନ୍ଦ୍ର ବା ଅଲଗା କେନ୍ଦ୍ର ଗୁଡ଼ିକରେ ସେହି ଗ୍ରାହକର ଖାତା ମଧ୍ୟରେ ସୀମିତ ହେବା ଉଚିତ।

(୨) ବ୍ୟାଙ୍କ ଗୁଡିକ ଠାରୁ ପ୍ରାପ୍ତ ଅନୁରୋଧକୁ ବିଚାରକୁ ନେଇ, ଜଣେ ଗ୍ରାହକଙ୍କ ଖାତାରୁ ଦେଶ ମଧ୍ୟରେ ସେହି ବ୍ୟାଙ୍କର ଅନ୍ୟ ଜଣେ ଗ୍ରାହକଙ୍କ ଖାତାକୁ ଅର୍ଥ ହସ୍ତାନ୍ତର ସୁବିଧା ଏଟିଏମ୍ ଜରିଆରେ  ଯୋଗାଇ ଦେବାକୁ ବ୍ୟାଙ୍କ ଗୁଡିକୁ ଅନୁମତି ଦେବାଲାଗି ସ୍ଥିର କରାଯାଇଛି। ଆଦେଶନାମା ଓ ତତ୍ ସମ୍ବନ୍ଧୀୟ ପ୍ରଲେଖିକରଣ ଯାହା ଏଟିଏମ୍ ରେ କାର୍ଯ୍ୟାନ୍ୱିତ କରାଯାଇଥିବା ସେହି କାରବାର ଗୁଡିକ ପାଇଁ ଦେୟ ନିମନ୍ତେ ଏକ ଆଧାର ରୂପେ ଗଠିତ ହୋଇଥାଏ। ତାହା ବ୍ୟାଙ୍କ ଓ ଗ୍ରାହକମାନଙ୍କ ମଧ୍ୟରେ କଥାବାର୍ତ୍ତା ମାଧ୍ୟମରେ ସ୍ଥିରକୃତ ହେବା ଉଚିତ ଏବଂ ଆଦେଶ ନାମାରେ ପ୍ରତ୍ୟକେ ପ୍ରତିପକ୍ଷର ଅଧିକାର ଏବଂ ଦାୟିତ୍ୱ ସମ୍ବନ୍ଧରେ ପରିଷ୍କାର ଭାବରେ ଦର୍ଶାଯିବା ଦରକାର ଏବଂ ଆଇନତଃ ବୈଧ ହେବା ଉଚିତ। ଯେତେବେଳେ ଏଟିଏମ୍ ଜରିଆରେ ତୃତୀୟ ପକ୍ଷରୁ ଦେୟ କରିବା ପାଇଁ ଅନୁମତି ଦିଆଯାଏ ସେତେବେଳେ ବ୍ୟାଙ୍କ ସେମାନଙ୍କର ଦେୟ ପରିଶୋଧନ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଉଚିତ।

୩. ଏତଦ୍ ଭିନ୍ନ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଏକ କଂପ୍ୟୁଟରକରଣ ପରିବେଶରେ ଉତ୍ତମ ଆଚାରର ସଂକ୍ଷିପ୍ତ ବିବରଣୀ ଏବଂ ଇଣ୍ଟରନେଟ୍ ବ୍ୟାଙ୍କିଂ ଉପରେ କାର୍ଯ୍ୟକାରୀ ଦଳର ରିର୍ପୋଟରେ ଉଲ୍ଲେଖ କରାଯାଇଥିବା ମାର୍ଗଦର୍ଶୀ ଗୁଡିକରରେ ବ୍ୟାଙ୍କ ଗୁଡିକୁ ଯାହା ପରାମର୍ଶ ଦିଆଯାଇଛି, ସୁରକ୍ଷା ଆବଶ୍ୟକତାକୁ ଗୁରୁତ୍ୱ ଦେବା ପାଇଁ ମଧ୍ୟ ବ୍ୟାଙ୍କ ଗୁଡିକୁ ପରାମର୍ଶ ଦିଆଯାଉଛି।

ବ୍ୟାଙ୍କ ଗୁଡିକ ମଧ୍ୟ ଆମର ମାର୍ଗଦର୍ଶନ ନୋଟ ପରିପତ୍ର ଡିବିଏସସିଓ ଟିସି. ବିସି. ୧୦/ ୩୧.୦୯.୦୦୧/ ୯୭-୯୮, ୪ ଫେବୃଆରୀ, ୧୯୯୮ ଏବଂ ପରିପତ୍ର ଡିବିଓଡି ସିଓଏମ୍ପି. ବିସି. ନଂ ୧୩୦/ ୦୭.୦୩.୨୩/ ୨୦୦-୦୧, ୧୪ ଜୁନ୍ ୨୦୦୧ର ମାର୍ଗଦର୍ଶୀ ଗୁଡିକ ଏବଂ 'ଆପଣଙ୍କର ଗ୍ରାହକଙ୍କୁ ଜାଣନ୍ତୁ'ର ନୀୟମ ଗୁଡିକୁ ମଧ୍ୟ ପାଳନ କରିବା ଉଚିତ।

୪. ସେହି ଅନୁସାରେ କାର୍ଯ୍ୟଧାରା ଉପରେ ମୁଖ୍ୟ ପରିପତ୍ର ଡିବିଡି ବିଏଲ୍. ବି.ସି ୫/୨୨.୦୧.୦୦୧/ ୨୦୦୨, ୧୮ ୨୦୦୨ର ପାରା ୧୨.୩ର ଉପଯୁକ୍ତ ବାକ୍ୟ ଯାହା ଏଟିଏମ୍ ରେ ଯୋଗାଇ ଦିଆଯାଇପାରେ ସଂଶୋଧନ କରାଯାଇ 'ଅନ୍ତର୍ଗତ ମୁଦ୍ରା ହସ୍ତାନ୍ତର ବ୍ୟାଙ୍କର ସେହି ଗ୍ରାହକ ବା ଅନ୍ୟ ଗ୍ରାହକ ମାନଙ୍କର ଖାତାକୁ ଦେଶ ମଧ୍ୟରେ ସେହି କେନ୍ଦ୍ରରେ ବା ଅନ୍ୟ କେନ୍ଦ୍ରରେ ସୀମିତ ରୂପେ ପ୍ରବର୍ତ୍ତନ କରାଯାଇଛି।

ଆପଣଙ୍କର ବିଶ୍ୱସ୍ତ

(ସି.ଆର ମୁରଲିଧରନ)
ମୁଖ୍ୟ ସାଧାରଣ ପରିଚାଳକ

ଇଏନଡିଟି ଡିବିଓଡି ନଂ ବିଏଲ୍/୨୨.୦୧.୦୦୧/୨୦୦୩
ସୂଚନା ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟକୁ ପରିପତ୍ରର ନକଲ ପଠାଗଲା

ଆର.ସି. ମିତଲ
ସାଧାରଣ ପରିଚାଳକ